ଆମ ଶିମିଳିପାଳ
ଆମ ଗର୍ବ

OUR SIMILIPAL
OUR PRIDE


**OFFICE OF THE FIELD DIRECTOR, SIMILIPAL TIGER RESERVE**
**-CUM-REGIONAL CHIEF CONSERVATOR OF FORESTS, BARIPADA**
*Phone- 06792-252593/ 259126; Fax- 256705; Email id: rccf.baripada@odisha.gov.in*


# NOTICE

No. 222 /4F-07/2024
Dated, Baripada the 07th October, 2024.

This is to inform all the tourists that Similipal Tiger Reserve will be opened for tourist from **10.10.2024** for tourist season 2024-25.

For further details log into www.ecotourodisha.com or www.similipal.org.

(**Dr. Prakash Chand Gogineni, IFS**)
Field Director, Similipal Tiger Reserve
-Cum- Regional CCF, Baripada

## -: ବିଜ୍ଞପ୍ତି:-

ଏତଦ୍ୱାରା ଶିମିଳିପାଳ ବ୍ୟାଘ୍ର ପ୍ରକଳ୍ପ, ପର୍ଯ୍ୟଟନ ସମ୍ବନ୍ଧରେ ନିମ୍ନଲିଖିତ ବିଷୟମାନ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ।

### ଦିବା / ଜଳପ୍ରପାତ ପର୍ଯଟନ

1. ଶିମିଳିପାଳ ବ୍ୟାଘ୍ର ପ୍ରକଳ୍ପଆସନ୍ତା ୨୦୨୪ ମସିହା ଅକ୍ଟୋବର ୧୦ ତାରିଖଠାରୁ ପର୍ଯଟନ ନିମନ୍ତେ ଖୋଲାରହିବ ।
2. ଦୈନିକ ସର୍ବାଧିକ ପ୍ରଥମେ ଆସିଥିବା ୬୦ ଗୋଟି 180 mm କିମ୍ବା ଅଧିକ Ground Clearance ଥିବା ଚାରିଚକିଆ ଯାନ କାଳିକାପ୍ରସାଦ ତନଖି ଫାଟକ (ଯଶିପୁର) (୩୫ ଗୋଟି ଗାଡି) ଓ ପିଠାବଟା ତନଖି ଫାଟକ (ବାରିପଦା) (୨୫ ଗୋଟି ଗାଡି) ମଧ୍ୟଦେଇ ଶିମିଳିପାଳ ବ୍ୟାଘ୍ର ପ୍ରକଳ୍ପ ଭିତରକୁ ପ୍ରବେଶପାଇଁ ଅନୁମତି ଦିଆଯିବ ।ଏହି ଫାଟକ ରୁ ଭାରି ଯାନ ପ୍ରବେଶ ନିଷେଧ । ସଂଧ୍ୟା ୬ ଘଟିକା ପୂର୍ବରୁ ପର୍ଯ୍ୟଟକ ମାନଙ୍କୁ କାଳିକାପ୍ରସାଦ ତନଖି ଫାଟକ (ଯଶିପୁର)ଛାଡିବାକୁ ପଡିବ ।
3. ପର୍ଯ୍ୟଟକମାନେ କେବଳ କାଳିକାପ୍ରସାଦ ତନଖି ଫାଟକ (ଯଶିପୁର)ମଧ୍ୟଦେଇ ଶିମିଳିପାଳବ୍ୟାଘ୍ର ପ୍ରକଳ୍ପରୁ ପ୍ରସ୍ଥାନ କରିପାରିବେ ।
4. ବ୍ୟାଘ୍ର ପ୍ରକଳ୍ପ ମଧ୍ୟକୁ ପ୍ରବେଶ ନିମନ୍ତେ ପ୍ରବେଶ ଅନୁମତି ପତ୍ର ପର୍ଯ୍ୟଟକମାନେ ନିଜର ଏବଂ ଯାନର ପ୍ରବେଶ ନିମନ୍ତେ ଅନୁମତି ପତ୍ର **www.similipal.org**ୱେବସାଇଟ ମାଧ୍ୟମରେ କିମ୍ବା କେବଳ ଯଶିପୁର ବୁକିଂ କାଉଣ୍ଟରରୁ ସକାଳ ୬ ଘଟିକାରୁ ଦିନ ୧୨ ଘଟିକା ସମୟ ମଧ୍ୟରେ ଅନୁମତି ପତ୍ର ନେଇ ପ୍ରବେଶ କରିପାରିବେଏବଂ ପିଠାବଟା ବୁକିଂ କାଉଣ୍ଟରରୁ ଦିନ ୧୧.୦୦ ଘଟିକାରୁ ଦିନ ୧.୦୦ ଘଟିକା ସମୟ ମଧ୍ୟରେ ଅନୁମତି ପତ୍ର ନେଇ ପ୍ରବେଶ କରିପାରିବେ ଓ ସଂଧ୍ୟା୬ ଘଟିକା ପୂର୍ବରୁ ପର୍ଯ୍ୟଟକ ମାନଙ୍କୁ କାଳିକାପ୍ରସାଦ ତନଖି ଫାଟକ (ଯଶିପୁର)ଛାଡିବାକୁ ପଡିବ ।
5. ବ୍ୟାଘ୍ର ପ୍ରକଳ୍ପକୁ ପ୍ରବେଶ କରିବା ପୂର୍ବରୁ ପର୍ଯ୍ୟଟକମାନେ ପ୍ରଚଳିତ ନୀୟମାବଳୀମାନ ପାଳନ ନିମନ୍ତେ ଲିଖିତନାମା ଦେବେ । ନିୟମାବଳୀ ଉଲଘଂନ କଲେ ଆଇନ ଅନୁଯାୟୀ ଦଣ୍ଡିତ ହେବେ ।
6. ପର୍ଯ୍ୟଟକଙ୍କ ଯାନ, ପର୍ଯ୍ୟଟକ ଏବଂ ତାଙ୍କ ଜିନିଷପତ୍ରକୁ ସମସ୍ତ ପ୍ରବେଶ ଓ ପ୍ରସ୍ଥାନ ତନଖି ଫାଟକରେ ଯାଞ୍ଚ କରାଯିବ ।
7. ଅପରାହ୍ନ ୩ ଘଟିକା ପୂର୍ବରୁ ସମସ୍ତ ପର୍ଯ୍ୟଟକମାନେ ଯୋରନ୍ଦା ଓ ବରେହିପାଣି ଜଳପ୍ରପାତ ସ୍ଥାନରୁ ଛାଡିବାକୁ ପଡିବ ।
8. ପର୍ଯ୍ୟଟକ ତାଙ୍କ ଫେରନ୍ତା ଯାତ୍ରା ଏପରି ଭାବରେ ପ୍ରସ୍ତୁତ କରିବେ ଯେପରିକି ସେମାନେ ସେହି ଦିନ ସନ୍ଧ୍ୟା ୬ ଘଟିକା ସୁଦ୍ଧା ତନଖି ଫାଟକ କାଳିକାପ୍ରସାଦ (ଯଶିପୁର)ଅତିକ୍ରମ କରିବେ ।
9. କୌଣସି କାରଣ ବସତଃ ପର୍ଯ୍ୟଟକଙ୍କ ଯାନ ଖରାପ ହେଲେ ସେହି ଯାନରେ ଥିବା ପର୍ଯ୍ୟଟକମାନଙ୍କୁ ଯଶିପୁର ବସଷ୍ଟାଣ୍ଡ କୁ ସ୍ଥାନାନ୍ତରିତ କରିବା ପାଇଁ (ଅଗ୍ରୀମ ଟଙ୍କା ୪୦୦୦/- ଜମା କଲେ ) ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ କର୍ତ୍ତୃପକ୍ଷ ବ୍ୟବସ୍ଥା କରିବେ ଏଥିପାଇଁ ପର୍ଯ୍ୟଟକଙ୍କ ଯାନ ଚାଳକଙ୍କ ଠାରୁ ଟଙ୍କା ୪୦୦୦/- ଚାରିହଜାର ଟଙ୍କା ଆଦାୟ କରାଯିବ, ଏଥି ନିମନ୍ତେ ଯାନ ଚାଳକ ମାନେ ପ୍ରସ୍ତୁତ ରହିବା ଦରକାର ।
10. ଯଦି କୌଣସି ଯାନ ବଳବତ୍ତର ଥିବା ନିୟମାବଳୀକୁ ଦ୍ୱୀତୀୟ ଥର ଉଲଙ୍ଗନ କରିବେ, ତେବେ ସେହି ଯାନକୁ ବ୍ୟାଘ୍ର ପ୍ରକଳ୍ପ ମଧ୍ୟରେ ପ୍ରବେଶ ନିମନ୍ତେ ଭବିଷ୍ୟତରେ ଅନୁମତି ଦିଆଯିବନାହିଁ ।
11. ଭ୍ରମଣ ପାଇଁ ଶିମିଳିପାଳ ବ୍ୟାଘ୍ର ପ୍ରକଳ୍ପ ଖୋଲିବାର ନିଷ୍ପତି ମଝିରେ ମଝିରେ ଶିମିଳିପାଳ କର୍ତ୍ତୃପକ୍ଷଙ୍କ ଦ୍ୱାରା ତଦାରଖ କରାଯିବ ଏବଂ ପାରିପାର୍ଶ୍ୱିକ ଅବସ୍ଥାକୁ ଅନୁଧ୍ୟାନ କରି ସୁଚିନ୍ତିତ ସିଦ୍ଧାନ୍ତମାନ ଗ୍ରହଣ କରାଯିବ ।
12. ଶିମିଳିପାଳ ବ୍ୟାଘ୍ର ପ୍ରକଳ୍ପ ଭିତରକୁ ପ୍ରବେଶ ସମୟରେ ପ୍ରତ୍ୟେକ ଯାନ ସହିତ ଜଣେ Guide ନେବା ବାଧ୍ୟତାମୂଳକ ।

## ୱାଇଲ୍ଡଲାଇଫ ସଫାରୀ ( ଶିମିଳିପାଳ ବ୍ୟାଘ୍ର ପ୍ରକଳ୍ପ ଦ୍ୱାରା ନିୟୋଜିତ ଗାଡି )

1. ଶିମିଳିପାଳ ବ୍ୟାଘ୍ର ପ୍ରକଳ୍ପର ୱାଇଲ୍ଡଲାଇଫ ସଫାରୀ ନିମନ୍ତେ ପର୍ଯ୍ୟଟକମାନଙ୍କୁ ୱେବସାଇଟ www.ecotourodisha.comରେ ଅଗ୍ରୀମ ଆରକ୍ଷଣ କରିବାକୁ ହେବ ।
2. ପର୍ଯ୍ୟଟକମାନେ ନିଜ ଯାନ ରେ କେବଳ କାଳିକାପ୍ରସାଦ ତନଖି ଫାଟକ (ଯଶିପୁର) ମଧ୍ୟଦେଇ ଗୁଡୁଗୁଡିଆ ଠାରୁ ସଫାରୀ ଆରମ୍ଭ କରିପାରିବେ ।
3. ପର୍ଯ୍ୟଟକମାନେ ପିଠାବଟା ତନଖି ଫାଟକ (ବାରିପଦା), ଜାମୁଆଣି ତନଖି ଫାଟକ, ତାଳବନ୍ଧ ତନଖି ଫାଟକମଧ୍ୟଦେଇ ସଫାରୀ ଆରମ୍ଭ କରିପାରିବେ ।
4. ବରେହିପାଣି ରାତ୍ରି ଯାପନ କରିଥିବା ପର୍ଯ୍ୟଟକମାନେବରେହିପାଣିରୁ ସଫାରୀ ଆରମ୍ଭ କରିପାରିବେ ।
5. ସକାଳ ସମୟ ୱାଇଲ୍ଡଲାଇଫ ସଫାରୀ ସକାଳ ୦୫.୩୦ ଠାରୁ ଆରମ୍ଭ ହୋଇ ପାଞ୍ଚ ଘଣ୍ଟା ମଧ୍ୟରେ ଶେଷ ହେବ ଏବଂ ସଂଧ୍ୟା ସମୟ ୱାଇଲ୍ଡଲାଇଫ ସଫାରୀ ଦିନ ୩.୦୦ ଠାରୁ ଆରମ୍ଭ ହୋଇ ଚାରି ଘଣ୍ଟା ମଧ୍ୟରେ ଶେଷ ହେବ ।
6. ୱାଇଲ୍ଡଲାଇଫ ସଫାରୀ ମଧ୍ୟକୁ ପର୍ଯ୍ୟଟକମାନଙ୍କୁ କୌଣସି ପ୍ରକାରର ସ୍ମାର୍ଟ ଫୋନ ସହ ପ୍ରବେଶ ପାଇଁ ଅନୁମତି ନାହିଁ ।
7. ଭ୍ରମଣ ପାଇଁ ଶିମିଳିପାଳ ବ୍ୟାଘ୍ର ପ୍ରକଳ୍ପ ଖୋଲିବାର ନିଷ୍ପତି ମଝିରେ ମଝିରେ ଶିମିଳିପାଳ କର୍ତ୍ତୃପକ୍ଷଙ୍କ ଦ୍ୱାରା ତଦାରଖ କରାଯିବ ଏବଂ ପାରିପାର୍ଶ୍ୱିକ ଅବସ୍ଥାକୁ ଅନୁଧ୍ୟାନ କରି ସୁଚିନ୍ତିତ ସିଦ୍ଧାନ୍ତମାନ ଗ୍ରହଣ କରାଯିବ ।

## ରାତ୍ରି ଯାପନ ପର୍ଯଟନ

1. ଶିମିଳିପାଳ ବ୍ୟାଘ୍ର ପ୍ରକଳ୍ପର କୁମାରି, ଗୁଡଗୁଡିଆ, ରାମତୀର୍ଥ, ବରେହିପାଣି ଓ ଜାମୁଆଣିରେ ଥିବା ଯାତ୍ରୀ ନିବାସ ଗୁଡିକରେ ରାତ୍ରୀଯାପନ ନିମନ୍ତେ ପର୍ଯ୍ୟଟକମାନଙ୍କୁ ୱେବସାଇଟ www.ecotourodisha.comରେ ଅଗ୍ରୀମ ଆରକ୍ଷଣ କରିବାକୁ ହେବ ।
2. ପର୍ଯ୍ୟଟକମାନେ କେବଳ କାଳିକାପ୍ରସାଦ ତନଖି ଫାଟକ (ଯଶିପୁର)ମଧ୍ୟଦେଇ ଶିମିଳିପାଳବ୍ୟାଘ୍ର ପ୍ରକଳ୍ପ ମଧ୍ୟକୁ ପ୍ରବେଶ କରିପାରିବେ ।
3. ପର୍ଯ୍ୟଟକ ତାଙ୍କ ଫେରନ୍ତା ଯାତ୍ରା ଏପରି ଭାବରେ ପ୍ରସ୍ତୁତ କରିବେ ଯେପରିକି ସେମାନେ ସେହି ଦିନ ସନ୍ଧ୍ୟା ୬ ଘଟିକା ସୁଦ୍ଧା ତନଖି ଫାଟକ କାଳିକାପ୍ରସାଦ (ଯଶିପୁର)ଅତିକ୍ରମ କରିବେ ।
4. ଭ୍ରମଣ ପାଇଁ ଶିମିଳିପାଳ ବ୍ୟାଘ୍ର ପ୍ରକଳ୍ପ ଖୋଲିବାର ନିଷ୍ପତି ମଝିରେ ମଝିରେ ଶିମିଳିପାଳ କର୍ତ୍ତୃପକ୍ଷଙ୍କ ଦ୍ୱାରା ତଦାରଖ କରାଯିବ ଏବଂ ପାରିପାର୍ଶ୍ୱିକ ଅବସ୍ଥାକୁ ଅନୁଧ୍ୟାନ କରି ସୁଚିନ୍ତିତ ସିଦ୍ଧାନ୍ତମାନ ଗ୍ରହଣ କରାଯିବ ।

କ୍ଷେତ୍ର ନିର୍ଦ୍ଦେଶକ, ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ
-ତଥା – ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ, ବାରିପଦା